ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Monday, June 19/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 204 | ମୂଲ୍ୟ ₹୭/-


# JEE (ADVANCED) 2023
## Aakashians Shine Again!

Aakash + BYJU'S

AIR 27 Aditya Neeraje 2 Year Classroom
AIR 28 Aakash Gupta 1 Year Classroom
AIR 29 Tanishq Mandhane 4 Year Classroom
AIR 31 Kamyak Channa 4 Year Classroom
AIR 36 Dhruv Sanjay Jain 4 Year Classroom
AIR 42 Shivanshu Kumar 4 Year Classroom

**2255#** Aakashians Qualified in JEE (ADV.) 2023
(2075 Classroom & 180 DLP/Digital) #Still Counting

| 8 | 9 | 20 | 43 | 83 |
|---|---|---|---|---|
| in Top 50 AIR (6 Classroom & 2 DLP/Digital) | in Top 100 AIR (7 Classroom & 2 DLP/Digital) | in Top 200 AIR (15 Classroom & 5 DLP/Digital) | in Top 500 AIR (32 Classroom & 11 DLP/Digital) | in Top 1000 AIR (59 Classroom & 24 DLP/Digital) |

Including Students from Classroom, Digital & DLP Courses across all Categories

## Our Top Performers from Classroom Programs

AIR 99 Md Sahil Akhtar 4 Year Classroom
AIR 103 Nihal Alkeshbhai P 2 Year Classroom
AIR 114 Anoop Singh 4 Year Classroom
AIR 172 Amritanshu Singh 2 Year Classroom
AIR 182 Nikhilesh Joshi 4 Year Classroom
AIR 184 Adit Jindal 5 Year Classroom
AIR 186 Shiv Narang 4 Year Classroom
AIR 197 Satwik Raj W 5 Year Classroom
AIR 222 Siddharth Miglani 2 Year Classroom
AIR 242 Mozeel Vanwani 1 Year Classroom
AIR 261 Vaibhav Raj 4 Year Classroom
AIR 281 Raktim Kundu 2 Year Classroom
AIR 289 Jigyasa Chouhan 2 Year Classroom
AIR 295 Sarthak Thakare 2 Year Classroom
AIR 306 Vignesh N 2 Year Classroom
AIR 323 Parth Baranwal 2 Year Classroom
AIR 326 Aliv Sahoo 2 Year Classroom
AIR 328 Utkarsh Gupta 2 Year Classroom
AIR 363 Alladi Lohith K 2 Year Classroom
AIR 371 Kundan Maiti 2 Year Classroom
AIR 386 Dhruva J Herrick 3 Year Classroom
AIR 439 Pratyush Kumar S 2 Year Classroom
AIR 489 Aakarsh D Reja 4 Year Classroom
AIR 499 Hardik Goyal 2 Year Classroom

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

...and many more

### Our Top Performers from ODISHA

AIR 326 Aliv Sahoo 2 Year Classroom
AIR 439 Pratyush K. Swain 2 Year Classroom
AIR 621 Priyanka Sar 4 Year Classroom
AIR 981 Varun Mishra 2 Year Classroom

Aakash BYJU'S LIVE
ONLINE CLASSROOM PROGRAM

AIR 26 Mayank Soni
AIR 458 Arijit Paul
...and many more

Scan the code to check all the ranks & watch what the toppers have to say

## ADMISSIONS OPEN FOR CLASSROOM COURSE 2024/25

| REPEATERS COURSE | TWO YEARS INT. COURSE | RANKERS COURSE |
|---|---|---|
| NEET/JEE (Main & Adv.) | NEET/JEE (Main & Adv.) | NEET |
| For Class XII Passed Students | For Class X Passed Students | Students who have Scored 500 & Above Marks |

## Batch Starting from : 26th June & 3rd July, 2023

6 Branches in Odisha

Bhouma Nagar: 7008005000, 8800852494
Chandrasekharpur: 7008005000, 8800874104
Cuttack: 7008005000, 8800849243
Balasore: 7008005000, 8800538720
Berhampur: 7008005000, 8800502470
Sambalpur: 7008005000, 8448693770
Information Centre: Rourkela: 9337355752

Scan code to locate the nearest centre

Get up to 90% Scholarship*
Appear for Instant Admission cum Scholarship Test. Register now for FREE
visit: iacst.aakash.ac.in
Hurry batches filling fast!
*T & C apply

Committed to the Success of Students Since 1988

Download Aakash App | Google Play | App Store
CALL (TOLL-FREE) 1800-102-2727
VISIT aakash.ac.in
Aakash BYJU'S

## ସଂକ୍ଷେପରେ

### ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

ମାଲକାନଗିରି,୧୮।୬(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ସଦର ମହକୁମା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜିଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝିଙ୍କ ଅଧ କ୍ଷତାରେ ଅନୁଷ୍ଠିତ ଏହିକା ର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ମହାରଣା, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଡ. ରଞ୍ଜନ କୁମାର ସ୍ୱାଇଁ, ଓକିଲ ସଂଘ ସଭାପତି ଲମ୍ବୋଦର ତୁରୁକ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ରତ୍ନାକର ଦାସ, ଦୁର୍ଯ୍ୟୋଧନ ପାତ୍ର, ମିଳିତ ଅମଲା ମଞ୍ଚ ଉପଦେଷ୍ଟା ଶ୍ୟାମ ସୁନ୍ଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଉପଲକ୍ଷେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଏବଂ ଆହତ ମାନଙ୍କୁ ସୁସ୍ଥ କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଖେମୁଣ୍ଡୁ ଗୋପବନ୍ଧୁଙ୍କ ବାଲ୍ୟ ଜୀବନ, ସମାଜସେବା, ଉଲ୍ଲେଖନୀୟ କାର୍ଯ୍ୟ, ଉତ୍କଳ ସମ୍ମିଳନୀ ଓ ଜାତୀୟ କଂଗ୍ରେସରେ ପ୍ରମୁଖ ଭୂମିକାରେ କାର୍ଯ୍ୟ କରିଥିଲେ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳ, ମାଲକାନଗରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାମପ୍ରସାଦ ପାଢୀ, ରାଜ୍ୟ ଉପସଭାପତି ରିତ କୁମାର ନାୟକ, ଅଶୋକ ମିଶ୍ର, ବି. ଶ୍ରୀନିବାସ ପାତ୍ର, ସତ୍ୟନାରାୟଣ ଦାସ ଓ ଅପୂର୍ବ ଥଣ୍ଡର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ମହାରଣା ସଂଯୋଜନା କରିଥିବା ବେଳେ ଗୋପୀକୃଷ୍ଣ ପଟ୍ଟନାୟକ ପରିଚାଳନା କରିଥିଲେ।

### ଜଳବନ୍ଦୀ ଗୁରୁମାଇଗୁଡ଼ାରେ ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି ୧୮।୬ (ଚିଦାନନ୍ଦ ସାହୁ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଝାଗାଁ ଜଳବନ୍ଦୀ ଅଞ୍ଚଳରେ ରବିବାର ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ୍ ମୋଟର ଲଞ୍ଚରେ ଗୁରୁମାଇଗୁଡ଼ା ଯାଇ ୨୪୦ ଜଣଙ୍କ ମ୍ୟାଲେରିଆ ପରୀକ୍ଷଣ କରିଥିଲେ। ୨ ଜଣ ଗର୍ଭବତୀ ମହିଳାଙ୍କ ଆରଡିକେ ଟେଷ୍ଟ, ବିପି ଓ ଓଜନ ପରୀକ୍ଷଣ କରାଯିବା ସହ ୧୫ଜଣ ପାଞ୍ଚ ବର୍ଷରୁ କର୍ମ୍ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କେତେଜଣ ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଗ୍ରାମକୁ ବିଶୋଧନ କରାଯାଇଥିଲା। ବର୍ଷାଦିନେ ମସାରି ବ୍ୟବହାର କରି ଶୋଇବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଡ. ସମଲାଇ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍‌ରେ ଅମରେଶ ପ୍ରସାଦ ମହାନ୍ତି ତୃଷ୍ଣା ମଞ୍ଜରୀ ବେହେରା, ସୁଲଚନା ସାମଲ, ପ୍ରଦୀପ ଦାସ, ଅଞ୍ଜନା ଭୋଳ ପ୍ରମୁଖ ସାମିଲ ଥିଲେ।

# ୧୮ଦିନ ପରେ ମିଳିତ ଅମଲା ମଞ୍ଚର ଆନ୍ଦୋଳନ ସ୍ଥଗିତ

## ସରକାର ପ୍ରତିଶ୍ରୁତି ରକ୍ଷା ନ କଲେ ଦୃଢ ଜବାବ ଦିଆଯିବ

ମାଲକାନଗିରି, ୧୮।୬(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟର ଅମଲାମାନେ ସେମାନଙ୍କ ଏକ ଦଫା ଦାବି ଯଥା, ମୂଳ ଦରମା ୯୩୦୦ ଓ ଗ୍ରେଡ ପେ ୪୨୦୦ ଟଙ୍କାକୁ ନେଇ ୬ ମାସ ପୂର୍ବରୁ ସରକାରଙ୍କୁ ଜଣାଇବା ସହ ଦାବି ପୂରଣ ନ ହେବାରୁ ପ୍ରତିବାଦ କରି ଆସୁଥିଲେ। ତେବେ ରାଜ୍ୟ ଅମଲା ମଞ୍ଚ ନିଷ୍ପତ୍ତି ଅନୁଯାୟୀ ଗତ ୧ ତାରିଖଠାରୁ ମାଲକାନଗିରି ଜିଲାରେ ୪୦୦ରୁ ଉର୍ଦ୍ଧ୍ୱ ଅମଲା ସମୂହ ଛୁଟିରେ ରହି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରି ଆସୁଥିଲେ। ଶନିବାର



ଅମଲା ସଂଘର ଜଣେ ସଦସ୍ୟ ଉଦ୍‌ବୋଧନ ଦେଉଛନ୍ତି।

୫–ଟି ସଚିବ ଅମଲାମାନଙ୍କ ଦାବି ପୂରଣ କରାଯିବ ବୋଲି ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଲା ପରେ ୧୮ଦିନ ଧରି ଜାରି ରହିଥିବା ଧାରଣା ପ୍ରତ୍ୟାହାର କରାଯିବା ସହ ଆସନ୍ତା ୧୯ ରୁ ସମସ୍ତ ଅମଲା କାର୍ଯ୍ୟରେ ଯୋଗଦେବେ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ଜିଲା ମିଳିତ ଅମଲା ମଞ୍ଚ ଆବାହକ ଶ୍ୟାମ ନାୟକ, ସଭାପତି ଲକ୍ଷ୍ମୀ ସେଠୀ କହିଛନ୍ତି। ଯଦି ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା ନ କରନ୍ତି, ତେବେ ଆଗାମୀ ଦିନରେ ସାରା ରାଜ୍ୟରେ ଅମଲାମାନେ ଏହାର ଦୃଢ ଜବାବ ଦେବେ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ବିଏସ୍‌ଏଫ୍ କ୍ୟାମ୍ପରେ ଯୋଗ ଦିବସ ପ୍ରସ୍ତୁତି ଶିବିର

କୁଡୁମୁଲୁଗୁମ୍ମା,୧୮।୬(ହୃଷୀକେଶ ସେଠୀ)

କୁଡୁମୁଲୁଗୁମ୍ମା ସ୍ଥିତ ୧୫୫ ବାଟାଲିୟନ ବିଏସ୍‌ଏଫ କ୍ୟାମ୍ପ ପରିସରରେ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ୧୫୫ ବିଏସ୍‌ଏଫ (ଡେଲ୍ଟା କୋୟ) କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ଏସ.ଆର୍. ମୀଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ଲ୍ୟାମ୍ପସ୍ ସଭାପତି ଗୋପୀ ପାଙ୍ଗୀ, ଯୋଗ ଶିକ୍ଷକ ଭଗବାନ ସାହୁ, ସମାଜିକକର୍ମୀ ଶ୍ରୀଧର ଆଦବାରୀ, ରାଜେନ୍ଦ୍ର ପାତ୍ର ଓ ଧରମନାଥ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଏସ୍‌ଏଫର ଶାରିରୀକ ପ୍ରଶିକ୍ଷକ ସମସ୍ତଙ୍କୁ ସଚେତନ କରାଇବା ସହ ଜଗିଙ୍ଗ ବିଭିନ୍ନ ଏକ୍ସରସାଇଜ, ସୂର୍ଯ୍ୟ ନମସ୍କାରର ୧୨


ଯୋଗ ଦିବସ ପୂର୍ବରୁ ପ୍ରଶିକ୍ଷଣ ଦିଆଯାଉଛି।

ଟି ନିୟମ ଓ ବିଭିନ୍ନ ଆସନ ବିଷୟରେ ଦେଖାଇଥିଲେ। ଏହାପରେ ଯୋଗ ଶିକ୍ଷକ ଭଗବାନ ସାହୁ ସମସ୍ତଙ୍କୁ ୩ ଥର ଓମ୍ ଉଚ୍ଚାରଣ ସହ ବିଭିନ୍ନ ପ୍ରକାରର ପ୍ରାଣାୟାମ ଯଥା- ଭସ୍ତ୍ରୀକା,ଅନୁଲୋମ ବିଲୋମ, କପାଳଭାତୀ, ବାହ୍ୟ ପ୍ରାଣାୟାମ, ବ୍ରାହ୍ମରୀ, ଉଦ୍‌ଗ୍ରୀତ ଓ ଉଦ୍‌ଯାଇ ପ୍ରାଣାୟାମ ଆଦି କରି ଦେଖାଇବା ସହ ଏହି ସବୁ ପ୍ରାଣାୟାମର ଉପଯୋଗୀତା ଓ ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ବିଏସ୍‌ଏଫ କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ମୀଣା ମଧ୍ୟ ଯୋଗ ଓ ଶାରିରୀକ କସରତ ମାଧ୍ୟମରେ କିପରି ଏକ ସୁସ୍ଥ ଓ ନିରୋଗୀ ଜୀବନ ଯାପନ କରିହେବ, ସେ ବିଷୟରେ ଅବଗତ କରିଥିଲେ। ପ୍ରସ୍ତୁତି ଶିବିରରେ ଆଖପାଖ ବିଦ୍ୟାଳୟରେ ପଢୁଥିବା ବାଳକ, ବାଳିକା ଓ ବିଏସ୍‌ଏଫ ଯବାନଙ୍କୁ ମିଶାଇ ମୋଟ ୧୦୧ ଜଣ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ ।

### ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୮।୬ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ୨୫୦ ଲିଟର ଦେଶୀ ମଦ ଓ ୨୬ଶହ ଲିଟର ପୋଚ ନଷ୍ଟ କରିଛନ୍ତି। ମଦବ୍ୟବସାୟୀମାନେ ଜଙ୍ଗଲରେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢାଉ କରାଯାଇଥିଲା। ତେବେ ଏନେଇ ପୂର୍ବ ସୂଚନା ପାଇ ସମ୍ପୃକ୍ତ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି ବୋଲି ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

### ୪ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୮।୬ (ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତଙ୍କୁ ରବିବାର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ କୋଲାବର ଶିଶିର ମାଦଳା। ଶିଶିରଙ୍କ ନାମରେ ଟାଉନ ଥାନାରେ ୨୦୧୩ ରୁ ଏକ ଅପରାଧିକ ମାମଲା ଥିଲା। ସେବେଠାରୁ ସେ ଫେରାର ଥିଲେ। ରବିବାର ସେ ଜୟପୁରରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସେହିପରି ଅନ୍ୟ ଏକ ମାମଲାରେ ସଦର ପୋଲିସ ୩ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦପୁର ଥାନା ମୁଣ୍ଡାଗୁଡା ଗ୍ରାମର ଲଳିତ ଖିଲ (୨୫), ଟାଙ୍ଗୁଆର ମିନି ଯାକା ବିଶ୍ୱନାଥ (୪୦) ବାରିଣିପୁଟର ମାଧବ ଦଳେଇ । ଏମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେବେଠାରୁ ଲଳିତ,ମିନିୟାକା



ଓ ମାଧବ ଫେରାର ଥିଲେ। ସେମାନଙ୍କ ସମ୍ପର୍କରେ ସୂଚନା ପାଇ ଏବେ ପୋଲିସ ଏହି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ପୋଲିସ କହିଛି।

# ଆମ୍ବେଡକରଙ୍କ ଜୟନ୍ତୀ ପାଳିତ


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ମାଥିଲି,୧୮।୬(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ସାଲମୀ ପଞ୍ଚାୟତରେ ଆଦିବାସୀ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଡକ୍ଟର ବିଆର ଆମ୍ବେଡକରଙ୍କ ଜୟନ୍ତୀ ସ୍ଥାନୀୟ ଆଦିବାସୀ ସଂଘ ଆସସରକ ପଡିଆଠାରେ ରବିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଏହି ଅବସରରେ ମଞ୍ଚସୀନ ଅତିଥିମାନେ ଡକ୍ଟର ଆମ୍ବେଡ଼କରଙ୍କ ଜୀବନ ତଥା ତାଙ୍କର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଡକ୍ଟର ଆମ୍ବେଡ଼କର ସମ୍ବିଧାନ ଲେଖି ଭାରତର ଜନସାଧାରଣଙ୍କୁ ସମର୍ପଣ କରିବା ଦ୍ୱାରା ପ୍ରତେକ ନାଗରିକ ସମ୍ବିଧାନ ଅନୁଯାଇ ବଞ୍ଚିବାର ଅଧିକାର ପାଇ ଛନ୍ତି। ବିଶାଳ ସମାବେଶ ମାଓବାଦୀ ଅଧୁଷିତ ଅଞ୍ଚଳ କମାରପାଲ୍ଲୀ ମହୁପଦର ଆଦି ଗ୍ରାମ ଲୋକ ଏକତ୍ରିତ ହୋଇ ସାଲିମି ଆଦିବାସୀ ପର୍ବ ପଡିଆଠାରେ ରୁଣ୍ଡ ହୋଇଥିଲେ। ଉପାନ୍ତ କୋମାରପଲ୍ଲୀଠାରୁ ପହୁପଦର ସାଲମୀ କିଆଙ୍ଗ ସମସ୍ତ ପଞ୍ଚାୟତରୁ ପାଖାପାଖି ୨ହଜାର ଲୋକ ଏହି ସୋମାବେଶଠାରେ ଯୋଗଦେଇ ବାବା ସାହେବଙ୍କ ଜୟନ୍ତୀ ପାଳନ କରିଥିଲେ।

# ଫାଇନାଲରେ ଗନ୍ଧୀପାଲ୍ଲୀକୁ ହରାଇ ବାଙ୍କିଗୁଡା ବିଜୟୀ


ପ୍ରତିଯୋଗୀଙ୍କ ସହ ଅତିଥି ।

## କ୍ରିକେଟ ପ୍ରତିଯୋଗିତା

ମାଲକାନଗିର,୧୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଚାଲାଣଗୁଡା ପଞ୍ଚାୟତ ଡଙ୍ଗସ୍କାଲ ଗ୍ରାମରେ ମାସ୍ମାମାମା ମାଉଲି କ୍ରିକେଟ୍ କ୍ଲବ ତରଫରୁ ଗତ ୧୧ ତାରିଖରୁ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬୧ କ୍ରିକେଟ ଟିମ୍‌କୁ ନେଇ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚ ଗନ୍ଧୀପାଲ୍ଲୀ ଓ ବାଙ୍କିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କିଗୁଡା ଗନ୍ଧୀପାଲ୍ଲୀକୁ ହରାଇ ବିଜୟୀ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ତିଥି ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିବା ବେଳେ ବିଜେତା ଟିମ୍‌କୁ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରନର୍ସ ଟିମ୍‌କୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କ୍ରିକେଟ ପରିଚାଳନା କମିଟି ଯୁବ ସଂଘର ଭୀମସେନ ଦିର୍ଦ, ଦୁଲା ସୋଡି, ସୁରେସ ମାଡକାମି, ଦେବେନ୍ଦ୍ର ପାଦାମି, ଭୀମା ପାଦାମି, ସୁନାଧର ମାଡକାମୀ ଓ ମୁକା କୁଞ୍ଜାମି ପ୍ରମୁଖ ପରିଚାଳନା କରିଥିଲେ ।

# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ବାଲିମେଳା,୧୮।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଟାଉନହଲଠାରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସହରାଞ୍ଚଳସ୍ତରୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଯୋଗଦେଇ ପୂର୍ବରୁ ଓ ପରେ କିପରି ଏହାର ମୁକାବିଲା କରିବା ଏନେଇ ଆଲୋଚନା କରିବା ସହ ଭିଡିଓ ମାଧ୍ୟମରେ ସମସ୍ତଙ୍କୁ ଦେଖାଇ ଥିଲେ। ଏଥିସହିତ ସମସ୍ତ ବିଭାଗକୁ ନେଇ ଏକ କମିଟି ଗଠନ ଏବଂ ପ୍ରତି ୱାର୍ଡରେ ମଧ୍ୟ କମିଟି ଗଠନ କରିବା ଦ୍ୱାରା ପରିଚାଳନା ଠିକ ଭାବରେ ହେଇପାରିବ। କାର୍ଯ୍ୟକ୍ରମରେ ଏନ୍‌ଏସିର ସମସ୍ତ କାଉନ୍‌ସିଲର, କୋରୁକୋଣ୍ଡା ଅଗ୍ନିଶମ ବିଭାଗ, ଟିପିଏସ୍‌ଓଡିଏଲ ଯନ୍ତ୍ରୀ ନବୀନ ପାତ୍ର, ଓର୍କେଲ ଥାନା ଏସଆଇ ଗୌତମ ହରିଜନ, ରାଜସ୍ୱ ନିରୀକ୍ଷକ ଚନ୍ଦ୍ର ଶେଖର ଖରା,ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଏସ୍‌ଏଚଜି ମହିଳା ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ପରିଚାଳନା କରିଥିଲେ ।


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ଗୁଣପୁର ଷ୍ଟେଶନରେ ୨ ନଂ ପ୍ଲାଟଫର୍ମ ନିର୍ମାଣ ଦାବି

## ବିଶାଖାପାଟଣା ଡିଭିଜନର ଡିଆରଏମଙ୍କୁ ଦାବିପତ୍ର

ଗୁଣପୁର,୧୮।୬ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଷ୍ଟେଶନରେ ୨ ନଂ ପ୍ଲାଟଫର୍ମ ନିର୍ମାଣ କରାଯିବାକୁ ଦାବି ହୋଇଛି। ଆନ୍ଧ୍ର ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା ବିଶାଖାପାଟଣା ଡିଭିଜନର ଡିଆରଏମଙ୍କୁ ଶନିବାର ଏ ନେଇ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ଗୁଣପୁର ଷ୍ଟେଶନରେ ୨ନଂ ପ୍ଲାଟଫର୍ମ ନ ଥିବାରୁ ଯାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟାର ସମାଧାନ କରିକୁ ଡ.ପଣ୍ଡା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

ଅନ୍ୟପକ୍ଷେ ଗୁଣପୁରଠାରୁ ଥେରୁବାଲି ନୂତନ ରେଳପଥ ସଂଯୋଗ ହେଲେ ଗୁଣପୁରରେ ନୂତନ ରେଳ ଷ୍ଟେଶନ ନିର୍ମାଣ ହେବ ବୋଲି ବିଭାଗୀୟ ଅଧିକାରୀ କହୁଛନ୍ତି। ତେବେ ଗୁଣପୁର–ଥେରୁବାଲି ରେଳପଥ କେବେ ସଂଯୋଗ ହେବ, ତା'ପରେ ଯାଇ ଗୁଣପୁର ଷ୍ଟେଶନର ଉନ୍ନତିହେବ। ସେ ପର୍ଯ୍ୟନ୍ତ ଯାତ୍ରୀମାନେ କିପରି ଯାତାୟାତ କରିବେ ବୋଲି ଡ. ପଣ୍ଡା ପ୍ରଶ୍ନ କରିଛନ୍ତି। ସେହିପରି ନୌପଡା ଗୁଣପୁର ମଧ୍ୟରେ ବର୍ତ୍ତମାନ ୪ ଯୋଡା ଟ୍ରେନ ଯାତାୟାତ କରୁଛି । ସେଥିରୁ କଟକ –ଗୁଣପୁର, କଟକ ମେମୁ ବିଳମ୍ବିତ ରାତ୍ରରେ ଆସିବା ସହ ୨ ନଂ ରେଳ ଲାଇନରେ ରହି ରାତିରେ କଟକ ଅଭିମୁଖେ ଯାତ୍ରା କରୁଛି । ସେହିଭଳି ଦିନ ସମୟରେ ବିଶାଖାପାଟଣା ଗୁଣପୁର ମଧ୍ୟ ୨ ନଂ ରେଳ ଲାଇନରେ ରହିବା ସହ ସେହିସ୍ଥାନରୁ ଗନ୍ତବ୍ୟସ୍ଥଳୀକୁ ଯାତ୍ରା କରୁଛି । ଏହି ଦୁଇଟି ଟ୍ରେନରେ ଯାତ୍ରା କରିବା ପାଇଁ ଯାତ୍ରୀଙ୍କୁ ୨ ନଂ ରେଳ ଲାଇନକୁ ଯିବାକୁ ପଡୁଛି । କିନ୍ତୁ ୨ ନଂ ଟ୍ରାକ୍‌କୁ ଯିବାକୁ କୌଣସି ସୁବିଧା ନ ଥିବାରୁ ଯାତ୍ରୀମାନେ ୧ ନଂ ରେଳ ଧାରଣା ଦେଇ ଛିଡା ହୋଇଥିବା ଟ୍ରେନ୍‌କୁ ଅତିକ୍ରମ କରି ଅତି କଷ୍ଟରେ ଯିବାଆସିବା କରିବାବେଳେ ଆହତ ହେଉଥିବା ଦେଖିବାକୁ ମିଳୁଛି । ବରିଷ୍ଠ ନାଗରିକ ଏବଂ ରୋଗୀମାନଙ୍କୁ ସେହି ଟ୍ରେନରେ ଯିବା କଷ୍ଟସାଧ୍ୟ ହୋଇପଡୁଛି। ଏପରିସ୍ଥିତିରେ ୨ ନଂ ପ୍ଲାଟଫର୍ମ ପାଇଁ ଯାତ୍ରୀଙ୍କୁ କେତେ ବର୍ଷ ଅପେକ୍ଷା କରିବାକୁ ପଡିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ଜୟପୁର, ମାଲକାନଗିରି, ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଧାର୍ଯ୍ୟ ଅବଧି ଶେଷ ହେବାର ଦୀର୍ଘ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ନାହିଁ। ଏପରିସ୍ଥିତିରେ ଗୁଣପୁର–ଥେରୁବାଲି ରେଳପଥକୁ କେବେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେବ, ଆଉ ଜମି ଅଧିଗ୍ରହଣ କେବେ ସରିବ, ତା ପରେ ଯାଇ ଗୁଣପୁରଠାରେ ନୂତନ ଷ୍ଟେଶନ ନିର୍ମାଣ ହେବ । ଏସବୁ କାର୍ଯ୍ୟ ପାଇଁ କେତେ ବର୍ଷ ଲାଗିବ, ତାହା ସହଜରେ ଅନୁମେୟ ।

ସୂଚନାଯୋଗ୍ୟ, ୨୦୧୭–୧୮ ବଜେଟରେ ୭୯. ୧୫ କି.ମି ଦୂରତା ଗୁଣପୁର ଥେରୁବାଲି ରେଳପଥ ସକାଶେ ୯୩୫. ୭୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ଗତ ରେଳ ବଜଟରେ ଏହି ରେଳପଥ ଯଥା ନୌପଡା–ଗୁଣପୁର ଥେରୁବାଲି ସକାଶେ ୫୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଅନୁଦାନ ମିଳିବାର ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ରେଳପଥର ଭାଗ୍ୟ ସୂତା ଖିଅରେ ଝୁଲି ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି ।


୨ନଂ ଟ୍ରାକ୍‌କୁ ଯିବାକୁ ଯାତ୍ରୀମାନେ ଅସୁରକ୍ଷିତ ଭାବେ ଠିଆ ହୋଇଥିବା ଟ୍ରେନ୍ ମଧ୍ୟରେ ଚଢ଼ି ପାରି ହେଉଛନ୍ତି।



## ସଂକ୍ଷେପରେ

### ଖାଇବାକୁ ନ ଦେବାରୁ ସ୍ତ୍ରୀଙ୍କୁ ହତ୍ୟା

କୋରାପୁଟ/ନାରାୟଣପାଟଣା,୧୮।୬ (ଅମିତାଭ ବେହେରା/ ରାଜକିଶୋର ଜେନା) କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ଶିରିଗୁଡା ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହ ଯୋଗୁ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ନାରାୟଣପାଟଣା ପୋଲିସ ଏହି ଘଟଣାରେ ସ୍ୱାମୀ ଡମ୍ଭୁ ହିମିରିକା(୬୫)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି ନାରାୟଣପାଟଣା ଥାନା ଅନ୍ତର୍ଗତ ଶିରିଗୁଡା ଗ୍ରାମରେ ଶନିବାର ରାତିରେ ଡମ୍ଭୁ ହିମିରିକା ସ୍ତ୍ରୀ ରାମି ହିମିରିକା(୬୦)ଙ୍କୁ ଖାଇବାକୁ ବାଢିବାକୁ କହିଥିଲେ। ସ୍ତ୍ରୀ ଏହା ପୂର୍ବରୁ ନିଶାଶକ୍ତ ହୋଇ ରୋଷେଇ କରି ନ ଥିବାରୁ ଡମ୍ଭୁଙ୍କୁ କିଛି ଖାଇବାକୁ ଦେଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଡମ୍ଭୁ ଏକ ଟାଙ୍ଗିଆ ଆଣି ରାମିଙ୍କୁ ୨/୩ ଚୋଟ ମାରିଥିଲେ। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ରବିବାର ସକାଳେ ଏହି ଖବର ପାଇ ନାରାୟଣପାଟଣା ଏସ୍ଆଇ ଶୁକ୍ରା ମାଢି ଟିମ୍ ସହ ଶିରିଗୁଡା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସ୍ୱାମୀ ଡମ୍ଭୁଙ୍କୁ ଗିରଫ କରିଥିଲେ। ଏନେଇ ୪୮/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍ଆଇ ମାଢି କହିଛନ୍ତି।

### ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ

ଜୟପୁର, ୧୮।୬ (ପବନ ପାଣିଗ୍ରାହୀ)- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଜୟପୁର ଗୋପବନ୍ଧୁ ନଗରସ୍ଥିତ ପ୍ରତିମୂର୍ତ୍ତି ନିକଟରେ କୋରାପୁଟ ଜିଲା ଉତ୍କଳ ସମ୍ମିଳନୀ ଶାଖା ଓ ଜୟପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏହି ଶ୍ରାଦ୍ଧଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ଜିଲାପାଳ ବେଦବର ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୌର ଉପାଧକ୍ଷ ବି.ସୁନିତା, ଏସ୍‌ଡିପିଆରଓ ଯୋଶଦା ଗାଦବା, ଉତ୍କଳ ସମ୍ମିଳନୀର ମଦନ ମୋହନ ନାୟକ, ନବୀନ ମାଦଳା, ରାଜେନ୍ଦ୍ର ଗୌଡ, ବାଲା ରାୟ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିତାଙ୍କ ସ୍ମୃତିଚାରଣ କରିଥିଲେ।

### ନାବାଳିକାଙ୍କ ଆତ୍ମହତ୍ୟା

ଜି.ଉଦୟଗିରି,୧୮।୬(ସଞ୍ଜିବ ପାତ୍ର): ଜି.ଉଦୟଗିରି ଥାନା ଅନ୍ତର୍ଗତ ଶଙ୍ଖ ସାହିରେ ରବିବାର ଫ୍ୟାନ୍‌ରେ ଝୁଲି ଜଣେ ନାବାଳିକା(୧୫)ଆତ୍ମହତ୍ୟା କରଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୧୨/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ଜଳୁଛି ଶ୍ରୀକୋଲା ଜଙ୍ଗଲ

ଜି.ଉଦୟଗିରି,୧୮।୬(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ନିକଟସ୍ଥ ଶ୍ରୀକଲା ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ସକାଳୁ ରାତ୍ର ଯାଏ ବଢି ଚାଲିଛି। ଫଳରେ ଅନେକ ମୂଲ୍ୟବାନ ଗଛ ପୋଡି ଯାଉଛି। ବନ୍ୟ ପ୍ରାଣୀମାନେ ଭୟଭୀତ ହୋଇ ରାସ୍ତା ଉପରକୁ ଉଠି ଆସୁଛନ୍ତି। କେତେକ ପ୍ରତ୍ୟକ୍ଷଦର୍ଶୀ ରାସ୍ତା ଉପରକୁ ମାଙ୍କଡ, ସାପ, ବଣ ବିଲେଇ, ବ୍ରଜ କାପ୍ତା ପରି ବନ୍ୟପ୍ରାଣୀମାନେ ଆସିଯାଇଥିବା କହୁଛନ୍ତି। ଏହି ସବୁ ବନ୍ୟଜନ୍ତୁମାନେ ବିପଦରେ ରହିଛନ୍ତି ବୋଲି ସେମାନେ କହିଛନ୍ତି।

# ଦେଓମାଳିରେ ନିର୍ମିତ କଟେଜ ପରିବେଶ ପ୍ରତି ଆଣିବ ବିପଦ

କୋରାପୁଟ,୧୮।୬(ଅମିତାଭ ବେହେରା)


ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା କଟେଜ୍।

କୋରାପୁଟ ଜିଲାର ଦେଓମାଳିରେ ପର୍ଯ୍ୟଟନର ବିକାଶ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କଟେଜ ନିର୍ମାଣକୁ ନେଇ କୋରାପୁଟର ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରିଛନ୍ତି। ସମୁଦ୍ର ପତନାଠାରୁ ୧୬୭୨ ମିଟର ଉଚ୍ଚତାରେ ଥିବା ଓଡିଶାର ଏହି ଉଚ୍ଚତମ ପର୍ବତ ଶୃଙ୍ଗ ଦେଓମାଳି ତାର ସୌନ୍ଦର୍ଯ୍ୟ ଓ ଜଳବାୟୁ ପରିବେଶପ୍ରେମୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ବର୍ତ୍ତମାନ ଦେଓମାଳି ପର୍ଯ୍ୟଟନର ବିକାଶ ଲାଗି ପଦକ୍ଷେପ ନେଇ ସରକାର କୋରାପୁଟ ଜିଲା ସେମିଳିଗୁଡା ବନ ବିଭାଗ ଦ୍ୱାରା କରୁଥିବା କଟେଜ୍ ସହ ଅନ୍ୟାନ୍ୟ ବ୍ୟବସ୍ଥା ଦେଓମାଳିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କ୍ଷୁର୍ଣ୍ଣ କରୁଛି ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରୁଛନ୍ତି। ଦେଓମାଳି ପର୍ବତ ଉପରେ ପହଞ୍ଚିବା ପରେ ଏକ ବିଶାଳ ସମତଳ ପଡିଆ, ମନଲୋଭା ଶୀତଳ ପବନ ତଥା ଅବାଧରେ ଘୁରି ବୁଲିବାର ସ୍ୱାଧୀନତା ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ ମାତ୍ର ଏବେ ସରକାର କରୁଥିବା ଉକ୍ତ ଅଞ୍ଚଳର ଉନ୍ନତି ଏହି ପର୍ବତର ନୈସର୍ଗିକ ସୌନ୍ଦର୍ଯ୍ୟକୁ ଧ୍ୱଂସ କରୁଛି। ସରକାର କଟେଜ ଓ ହୋଟେଲ ନିର୍ମାଣ କରି ପ୍ରାକୃତିକ ପରିବେଶରେ କୃତ୍ରିମତାର ଅପମିଶ୍ରଣ କରିବା ଆରମ୍ଭ କରିଛନ୍ତି ବୋଲି ଜୈବ ବିବିଧତା ଉପରେ ଗବେଷଣା କରୁଥିବା ଗବେଷକ ଡ. ମିହିର ଜେନା କହିଛନ୍ତି। ଦେଓମାଳି ପର୍ବତରେ ଔଷଧୀୟ ବୃକ୍ଷ, ଗୁଳ୍ମ ଲତା ଆଦି ରହିଛି। ଏଠାରେ କଂକ୍ରିଟ ଘରଦ୍ୱାର ନିର୍ମାଣ କରାଗଲେ ପାହାଡର ଆଦ୍ରତା ପ୍ରଭାବିତ ହେବ। ଫଳରେ ସେହି ଗୁଳ୍ମ, ଗଛଲତା କୀଟ ପତଙ୍ଗଙ୍କ ବଞ୍ଚିବା ଶୈଳୀ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।

**ଚିନ୍ତା ପ୍ରକଟ କଲେ ପରିବେଶବିତ୍**



ରଥଯାତ୍ରା ଉପଲକ୍ଷେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ବଡଦାଣ୍ଡରେ ରବିବାର କୋରାପୁଟ ଆର୍ଟ ଗ୍ୟାଲେରିର ଚିତ୍ରଶିଳ୍ପୀଙ୍କ ପକ୍ଷରୁ ଅଙ୍କାଯାଇଥିବା ଝୋଟି।

### ୧୫ ମିନିଟ୍ ବର୍ଷାରେ ବାଞ୍ଜୀଲାପୁଟ ପୋଲ ଜଳାର୍ଣ୍ଣବ

ନନ୍ଦପୁର, ୧୮।୬ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳର ସୀମାନ୍ତ ଅଞ୍ଚଳରେ କିଛି ସମୟ ପାଇଁ ପ୍ରବଳ ବର୍ଷା ଓ ପବନ ହୋଇଯାଇଛି। ୧୫ମିନିଟ ବର୍ଷାରେ ସୀମାନ୍ତ ପାଡୁଆ ଅଞ୍ଚଳରେ ବାଞ୍ଜୀଲାପୁଟ ଓ ଚାଟୁଆ ଅଞ୍ଚଳରେ କେତେକ ସ୍ଥାନରେ ରାସ୍ତା ଜଳାର୍ଣ୍ଣବ ହୋଇ ପଥଚାରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ବାଞ୍ଜୀଲାପୁଟ ପୋଲ ଉପରେ ଆଣ୍ଠୁଏ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଫଳରେ ପୋଲ ଉପରେ ଯାତାୟାତ କରିବା କଷ୍ଟକର ହୋଇଛି। ଗାଡ଼ି ମୋଟରଗୁଡିକ ବିପଦସଙ୍କୁଳ ଅବସ୍ଥାରେ ପୋଲ ଉପରେ ପାର ହେଉଛି। ପୋଲ ଉପରେ ଜମୁଥିବା ଜଳ ନିଷ୍କାସନ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

# କନିଷ୍ଠ ଯନ୍ତ୍ରୀ, ଠିକାଦାରଙ୍କ ନାଁରେ ଭିଜିଲାନ୍ସରେ ମାମଲା


ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ଜୟପୁର ୧୮।୬ (ପବନ ପାଣିଗ୍ରାହୀ)

- ଗ୍ରାମ୍ୟ ଜଳ ଯୋଗାଣ, ପରିମଳ ବିଭାଗରେ ଦୁର୍ନୀତି
- ୧୫୦ଏମ୍ଏମ୍ ବଦଳରେ ବିଛାଇଥିଲେ ୮୦ ଏମ୍ଏମ୍‌ର ପାଇପ୍

ଜୟପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଛି। କନିଷ୍ଠ ଯନ୍ତ୍ରୀ ଭରତ ଭୂଷଣ ସ୍ୱାଇଁ ଓ ଠିକାଦାର ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି । ପାନୀୟଜଳ ଯୋଗାଣ ନେଇ ବିଛାଯାଇଥିବା ପାଇପ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

ଖବରରୁ ଜଣାପଡିଛି, ଜୟପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ କଙ୍କଡାହାଣ୍ଡି ଗ୍ରାମରେ ପ୍ରତି ଘରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନେଇ ସରକାର ୫୪ ଲକ୍ଷରୁ ଅଧିକ ଟଙ୍କା ଯୋଗାଇ ଦେଇଥିଲେ। ଏହି ଟଙ୍କାରେ ଗ୍ରାମରେ ରହିଥିବା ପାଣି ଟାଙ୍କିଠାରୁ ପ୍ରତି ଘର ପାଇଁ ପାଇପ ବିଛାଇ ପାନୀୟ ଜଳ ଯୋଗାଇ ଦେବାକୁ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ଗତ ୨୦୨୦-୨୧ରେ ଟେଣ୍ଡର ହୋଇଥିଲା। ୧୫୦ ଏମଏମ ଜିଆଇ ପାଇପ୍ ବିଛାଇବାକୁ ଟେଣ୍ଡରରେ ଉଲ୍ଲେଖ ଥିଲା। ମାତ୍ର କାର୍ଯ୍ୟ ବେଳେ ୧୫୦ ଏମ୍ଏମ୍ ବଦଳରେ ୮୦ ଏମ୍ଏମ୍‌ର ପାଇପ ବିଛାଯାଇଥିଲା। କାର୍ଯ୍ୟ ଆଗରୁ ୨ଟି ବିଲ୍ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷର ମାର୍ଚ୍ଚ ମାସରେ ୨୪ ଲକ୍ଷ ୯୯ ହଜାର ଟଙ୍କାର ବିଲ୍ ହୋଇଥିଲା। ୧୫୦ ଏମ୍ଏମ୍ ପାଇପ ବିଛାଯାଇଥିବା ଦର୍ଶାଇ ଏହି ସବୁ ବିଲ୍ କରାଯାଇଥିଲା। ଏପରି ଲକ୍ଷାଧିକ ଟଙ୍କା ହଡପ କରି କମ୍ ଏମ୍ଏମ୍‌ର ପାଇପ ବିଛାଇବାରୁ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ଏହି କାର୍ଯ୍ୟରେ ବିଭାଗୀୟ ଅଧିକାରୀମାନେ ଠିକାଦାରଙ୍କ ସହ ମିଶି ଟଙ୍କା ହଡପ କରିଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିଜିଲାନ୍ସ ଏସ୍ପି ଗୁରୁତର ସହ ନେଇ ଇନ୍ସପେକ୍ଟର ବଙ୍କିମ ବୋବାଲିଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଷୟିକ ଟିମ୍ ଧରି ବୋବାଲି ଏହାର ତଦନ୍ତ କରିଥିଲେ। ତଦନ୍ତରୁ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେବା ପରେ କନିଷ୍ଠ ଯନ୍ତ୍ରୀ ସ୍ୱାଇଁ ଓ ଠିକାଦାର ତ୍ରିପାଠୀଙ୍କ ନାମରେ ୧୯/୨୩ ମାମଲା ରୁଜୁ କରାଯାଇଛି । ପ୍ରାୟ ୮ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଭିଜିଲାନ୍ସ ଏସ୍ପି ବେଣୁଧର ନାୟକ କହିଛନ୍ତି ।

# ଧନଜୀବନ କ୍ଷୟକ୍ଷତି ରୋକିବାକୁ ଜିଲାପାଳଙ୍କ ଗୁରୁତ୍ୱ

କୋରାପୁଟ,୧୮।୬(ଅମିତାଭ ବେହେରା)

**ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ରବିବାର ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଓ ଧନଜୀବନ କ୍ଷୟକ୍ଷତିକୁ ରୋକାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଏଥିପ୍ରତି ସମସ୍ତେ ମିଳିତଭାବେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ଓ ୧୪ ବ୍ଲକର ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଆଗାମୀ ଦିନରେ ବର୍ଷାଋତୁ ଆସୁଥିବାରୁ ଏହି ସମୟରେ ଜିଲାର କୋଟିଆ, ସୁଙ୍କି, ପଟ୍ଟାଙ୍ଗି, ଆବାଲି, ନନ୍ଦପୁର, ନାରାୟଣପାଟଣା ଆଦି ଅଞ୍ଚଳରେ ପାହାଡରୁ ମାଟି ଅତଡା ଖସି ରାସ୍ତା ଅବରୋଧ ହୋଇଥାଏ। ଏହାକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟରୁ ସୁଙ୍କି ମଧ୍ୟରେ ଥିବା ୨୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ତିଆରି ଚାଲିଥିବା ଜିଲାପାଳ ଅଖତାର ସୂଚନା ଦେଇଥିଲେ। ସେହିପରି ରାସ୍ତା ଅବରୋଧକୁ ହଟାଇବାକୁ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଏହାକୁ କିପରି ପରିଚାଳନା କରାଯାଏ ଏବଂ ଲୋକଙ୍କୁ କିପରି ଉଦ୍ଧାର କରାଯାଇଥାଏ ସେ ସମ୍ପର୍କିତ ବିଭିନ୍ନ କୌଶଳ ପିପିଟି ମାଧ୍ୟମରେ ଅବନୀକାନ୍ତ ଭୂୟାଁ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ବାତ୍ୟା ନିମନ୍ତେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ଉପରେ ମକ୍‌ଡ୍ରିଲ୍ ମାଧ୍ୟମରେ ଅଧିକାରୀମାନଙ୍କୁ ବୁଝାଇଥିଲେ। ଓଡିଶା ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପକ୍ଷରୁ ଯୋଗଦେଇଥିବା ପର୍ଯ୍ୟବେକ୍ଷକ ଜୟଜଗତ ସାହୁ ମକ୍‌ଡ୍ରିଲ ନିରୀକ୍ଷଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ତହସିଲଦାର ରଞ୍ଜନ ମାନସେଠ, ଓସଡମା ଡିଜିଏମ୍ ନୟନଗତ ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ନୂତନ ସଗରିଆ, ଓଡ୍ରାଫ, ଏନଜିଓ, ଆପଦମିତ୍ର, ସ୍ୱେଚ୍ଛାସେବୀ, ସିଭିଲ ଡିଫେନ୍ସ, ଅଗ୍ନିଶମ ବିଭାଗ ସହ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ରୋଗୀଙ୍କୁ ନିଜ ଗାଡ଼ିରେ ନେଲେ ଡାକ୍ତରଖାନା

**ମାନବିକତା ଦେଖାଇଲେ ସମିତିସଭ୍ୟ**

ଦଶମନ୍ତପୁର,୧୮।୬ ( ଅରବିନ୍ଦ ନାୟକ)

ନିଜ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ବି ଜଣେ ନାବାଳିକା ରୋଗୀଙ୍କ ପ୍ରତି ମାନବିକତା ଦେଖାଇଛନ୍ତି ଜଣେ ସମିତିସଭ୍ୟ। ନିଜ କାରରେ ନେଇ ତାଙ୍କୁ ଦଶନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରି ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତର ରତାବନ୍ଧ ଗ୍ରାମରେ। ଗ୍ରାମର ଖଗପତି ଜାନୀଙ୍କ ଝିଅ ଅମ୍ବିକା (୧୩) ରବିବାର ଗ୍ରାମ ନିକଟରେ ଥିବା ଏକ ଆମ୍ବତୋଟାକୁ ଆମ୍ବ ସଂଗ୍ରହ କରିବାକୁ କେତେ ଜଣ ସାଥୀ ଝିଅଙ୍କ ସହ ଯାଇଥିଲେ। ସେଠାରେ ସେ ଗଛରେ ଚଢି ଆମ୍ବ ତୋଳୁଥିବା ବେଳେ ଗଛରୁ ତଳକୁ ଖସିପଡ଼ି ଅଚେତ ହୋଇ ଯାଇଥିଲେ। ତାଙ୍କ ବାମ ହାତ ମଧ୍ୟ ଭାଙ୍ଗିଯାଇଛି। ଘଟଣା ସମ୍ପର୍କରେ ତାଙ୍କ ସାଥୀ ଝିଅମାନେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ସେଠାରେ ପହଞ୍ଚି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ବିଫଳ ହୋଇଥିଲେ। ଏହି ସମୟରେ କୌଣସି କାର୍ଯ୍ୟ ନେଇ ଗିର୍ଲିଗୁମ୍ମା ପଞ୍ଚାୟତ ସମିତି ସଭ୍ୟ ଦୁକୁ ବେନିଆ ରତାବନ୍ଧ ଗ୍ରାମକୁ ଯାଇଥିଲେ । ସେ ଝିଅଟିର ଗୁରୁତର ଅବସ୍ଥା ଦେଖି ନିଜ କାର୍ଯ୍ୟ ଛାଡି ସଙ୍ଗେ ସଙ୍ଗେ ତାଙ୍କୁ ନିଜ ଗାଡ଼ିରେ ଦଶମନ୍ତପୁର ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅମ୍ବିକାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ପାର୍ଥ ସାରଥୀ ପଣ୍ଡା କହିଛନ୍ତି । ସମିତିସଭ୍ୟଙ୍କ ଏଭଳି ମାନବିକତାପୂର୍ଣ୍ଣ କାର୍ଯ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


ଅମ୍ବିକାଙ୍କୁ ସମିତିସଭ୍ୟ ଦୁକୁ ଡାକ୍ତରଖାନା ନେଉଛନ୍ତି।

# ଆମ ଜାତି ସାହସୀ, ପ୍ରତି କାର୍ଯ୍ୟରେ ଆମେ ଆଗରେ ରହୁ

କୁନ୍ଦୁରା, ୧୮।୬(ସନ୍ତୋଷ ପ୍ରହରାଜ)

**ବ୍ଲକ ଡମ୍ବ ସମାଜ ପକ୍ଷରୁ ସଚେତନତା ସମାବେଶ**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମା ସାଗରଗୁଡା ଆମ୍ବତୋଟାରେ ବ୍ଲକ ଡମ୍ବ ସାମାଜର ଏକ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଚନ୍ଦ୍ର ସଗରିଆ ଅଧକ୍ଷତା କରିଥିଲେ। ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ପଡ଼ିଆଠାରେ ଥିବା ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା କରାଯାଇ ସେଠାରେ ଥିବା ଡ. ଭୀମରାଓ ଆମ୍ବେଡକର, ମହାତ୍ମା ଗାନ୍ଧୀ, ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ତ୍ରିନାଥ ହରିଜନ ଅତିଥି ପରିଚୟ ଦେଇଥିଲେ। ସଭାରେ ବ୍ଲକ ଡମ୍ବ ସାମାଜର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ ମଞ୍ଚକୁ ଆମନ୍ତ୍ରିତ କରାଯାଇ ସମସ୍ତଙ୍କ ପରିଚୟ ଓ ପଦବୀ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ବଳରାମ ଖରା ଯୋଗଦେଇ ନିଜ ଅଭିଭାଷଣ ରଖିଥିଲେ। ନିଜ ମାତୃଭାଷା ବ୍ୟବହାର କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦେଶିଆ ପତ୍ରିକା ସମ୍ପାଦକ ରଞ୍ଜନ ମହୁରିଆ ଯୋଗଦେଇ କହିଲେ, ଡମ୍ବଜାତି ସାହସୀ। ପ୍ରତ୍ୟେକ କାର୍ଯ୍ୟରେ ଆମେ ଆଗଧାଡିରେ ରହୁ। ଆମ ପାଖରେ ସବୁ କିଛି ଅଛି ହେଲେ ଏକତାରେ କିଛି କମ୍ ରହିଛି। ସମସ୍ତେ ଏକତ୍ରିତ ହେବାକୁ ସେ ଅହ୍ୱାନ ଦେଇଥିଲେ। ଡମ୍ବ ଜାତିରେ ଶିକ୍ଷା, ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ, କୁସଂସ୍କାର, ଅନ୍ଧବିଶ୍ୱାସ, ମଦମୁକ୍ତି, ଗୋ ହତ୍ୟା ବନ୍ଦ କରିବା, ଧର୍ମାନ୍ତରୀକରଣ ବନ୍ଦ କରିବା, ପାରମ୍ପରିକ ବିବାହ ପ୍ରଥାରେ ନୂତନ ସଂସ୍କାର, ମହୁରିଆ ଗୋଷ୍ଠୀଙ୍କୁ ସମାଜରେ ସ୍ୱତନ୍ତ୍ର ମାନ୍ୟତା ଦେବା ସହ ଡମ୍ବ ସମାଜର ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା ବେଳେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଡମ୍ବ ସମାଜର ପରିବର୍ତ୍ତିତ ନିୟମ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ବଳିତ ଏକ ଅଧିନିୟମ ପତ୍ର ବଣ୍ଟା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଡମ୍ବ ସାମାଜ ଉପଦେଷ୍ଟା ବଳରାମ ଖରା, ସଭାପତି ଜଗବନ୍ଧୁ ଢୋଲକିଆ, ମହେନ୍ଦ୍ର ଦଳେଇ, ରାଜେଶ ମହୁରିଆ, ଚିତାରାମ ବାରିକ, ଗୌର ଦଳେଇ, ଭାଗୀ ମାଛ, ଜଗବନ୍ଧୁ ମାର୍ଣ୍ଣିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସମାବେଶରେ ୨ ହଜାରରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଉପସ୍ଥିତ ଥିଲେ।



ଡମ୍ବ ସମାଜର ସମାବେଶରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ କି ବିଜୁ ପକ୍କାଘର

ପଟ୍ଟାଙ୍ଗି,୧୮।୬(ଶରତ ଧଳ)

- ତିନିବର୍ଷ ତଳେ ବାତ୍ୟାରେ ଭାଙ୍ଗିଯାଇଛି ଘର
- ପରିଣତ ବୟସରେ କୁଲି କରି ପରିବାର ଚଳାଉଛନ୍ତି ଫୁଲମତୀ
- ତାଙ୍କ ସମସ୍ୟା ବୁଝିବାକୁ ନିମାଲପାଡୁ ଯିବି: ପିଇଓ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଆବାସ ଏବଂ ବିଜୁ ପକ୍କା ଘର ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଏବେ ମଧ୍ୟ ଅପହଞ୍ଚ ହୋଇରହିଛି। ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ଗାଙ୍ଗରଜପୁର ପଞ୍ଚାୟତର ୬ନଂ ୱାର୍ଡର ନିଲାମପାଡୁ ଗ୍ରାମରେ ଏପରି ଦେଖିବାକୁ ମିଳିଛି।

ଏହି ଗ୍ରାମରେ ଦୁଇପୁଅ ବାଲିଆ ନାୟକ ଜଗୁ ଏବଂ ବାଲିଆ ନାୟକ କୁନାଙ୍କୁ ଧରି ବସବାସ କରୁଛନ୍ତି ବାଲିଆ ନାୟକ ଫୁଲମତୀ। ସ୍ୱାମୀଙ୍କ ମୃତ୍ୟୁ ପରେ ଫୁଲମତୀ ଅନେକ କଷ୍ଟରେ ପିଲା ଦୁହିଁଙ୍କୁ ବଡ କରିଛନ୍ତି। ଫୁଲମତୀଙ୍କ କାନକୁ ଠିକ ରୂପେ ଶୁଭୁନାହିଁ। ନିଜସ୍ୱ ଜମି ବୋଲି ତାଙ୍କର କିଛି ନାହିଁ । ଯେଉଁ ଜାଗା ଉପରେ ସେ ଘରକରି ରହୁଥିଲେ ତାହା ତିନି ବର୍ଷ ତଳେ ହୋଇଥିବା ବାତ୍ୟାରେ ଭାଙ୍ଗିଯାଇଛି। ଘର ତିଆରି କରିବାକୁ ପାଖରେ ଅର୍ଥନାହିଁ । ଦିନରେ ଜରିଡାଙ୍କି ନିଜ ଜାଗା ଉପରେ ରହୁଥିବା ଫୁଲମତୀ ରାତିରେ ଗ୍ରାମର ଜଣେ ସହୃଦୟ ବ୍ୟକ୍ତି ବଇ ଦାମଙ୍କ ଘରେ ପିଲାଙ୍କୁ ଧରି ଆଶ୍ରୟ ନେଉଛନ୍ତି। ଗ୍ରାମ ଲୋକଙ୍କ ଚାଷଜମିରେ କୁଲି କାମ କରି ସେଥିରୁ ଯାହା ପାରିଶ୍ରମିକ ପାଉଛନ୍ତି ସେଥିରେ ଚଳୁଛନ୍ତି। ମିଳୁଥିବା ରାଶନ ଚାଉଳ ଏବଂ ବିଧବା ଭତ୍ତା ଫୁଲମତୀଙ୍କ କିଛି ଅଭାବକୁ ତୁଲାଇ ଦେଉଛି। ସାନପୁଅ କୁନା ପଡୋଶୀ ଆନ୍ଧ୍ର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଳେ ବଡ଼ପୁଅ ଜଗୁ ମା' ଫୁଲମତୀଙ୍କ ପାଖରେ ରହି ଗ୍ରାମରେ ଦିନ ମଜୁରିଆ ସାଜିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରହିଥିବା ଆବାସ ଅବା ବିଜୁ ପକ୍କା ଘର ଯୋଜନାରେ ଘର ଖଣ୍ଡିଏ ପାଇବା ଲାଗି ଫୁଲମତୀ ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ କରି ଏଯାଏ କିଛି ସୁଫଳ ମିଳିନାହିଁ ତାଙ୍କୁ। ଗ୍ରାମବାସୀଙ୍କ ଚାପରେ କେବଳ ନିଜ ଦାୟିତ୍ୱ ଖସାଇବାକୁ ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଫୁଲମତୀ ରହୁଥିବା ସ୍ଥାନରେ ପହଞ୍ଚି ପଚରାଉଚରା କରି ଫଟୋ ଉଠାଇ ଚାଲିଯାଇଛନ୍ତି। ଏଯାଏ ଆଉ ଆବାସ ପାଇଁ ତାଙ୍କ ପାଖକୁ କିଛି ଖବର ଆସିନାହିଁ। ଆମ ପାଇଁ ସରକାରୀ ଘର ସାତସପନ ପାଲଟିଛି ବୋଲି କହନ୍ତି ଫୁଲମତୀ। ପୁଅମାନଙ୍କ ବିବାହ ବୟସ ହୋଇଯାଇଥିଲେ ମଧ୍ୟ ଘର ଖଣ୍ଡିଏ ନ ଥିବାରୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି ବୋଲି ଦୁଃଖର ସହ କହନ୍ତି ସେ। ପରିଣତ ବୟସରେ ଟିକେ ବିଶ୍ରାମ ଲୋଡୁଥିବା ଫୁଲମତୀଙ୍କ ପରିବାର ଉପରେ କେବେ ପ୍ରଶାସନର ଶୁଭଦୃଷ୍ଟି ପଡିବ ତାହା ସମୟ କହିବ। ଏ ସମ୍ପର୍କରେ ପିଇଓ କମଳ ପରଜାଙ୍କୁ ପଚାରିବାରୁ ସେ କହିଲେ, ଫୁଲମତୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଏହା କିପରି ସମାଧାନ ହୋଇପାରିବ ସେଥିପ୍ରତି ମୁଁ ଗୁରୁତ୍ୱ ଦେବି। ନିଜେ ନିଲାମପାଡୁ ଗ୍ରାମ ଗସ୍ତ କରି ଅନୁଧ୍ୟାନ କରିବି ବୋଲି ସେ ପ୍ରକାଶ କରିଥିଲେ।


ନିଜ ଜାଗା ଉପରେ ଜରି ଡାଙ୍କି ଚଳୁଥିବା ଫୁଲମତୀ।

## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୮।୬ (ପ୍ରଜ୍ଞା ରଞ୍ଜନ ପରିଡ଼ା)- ବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ରବିବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ପ୍ରାକୃତିକ ବିପର୍ଯ୍ୟୟ ଉପରେ ନେବାକୁ ଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ସବୁ ବିଭାଗର ଅଧିକାରୀମାନଙ୍କ ସମନ୍ୱୟରେ କିପରି ପ୍ରାକୃତିକ ବିପର୍ଯ୍ୟୟକୁ ମିଳିତ ଭାବେ ମୁକାବିଲା କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ତହସିଲଦାର କୃଷ୍ଣଚନ୍ଦ୍ର ଦାଶ, ସିଡିପିଓ ଗୀତାଞ୍ଜଳୀ ମହାରଣା, ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶ୍ରୀନିଗୋ ମୁର୍ମୁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଟି. ସିନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ସବଇନସ୍ପେକ୍ଟର ଚନ୍ଦନ ସାହୁ, ବନପାଳ ଉମାକାନ୍ତ ପଟ୍ଟନାୟକ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କୁମାର କିଶାନ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଜେଇଇ ଆଡ଼ଭାନ୍ସ ପରୀକ୍ଷାରେ ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରଙ୍କ ସଫଳତା



ଗୁଣପୁର,୧୮।୬ ( ପ୍ରଦୀପ କୁମାର ପାଢ଼ୀ) -ପ୍ରକାଶ ପାଇଥିବା ଜେଇଇ ଆଡ଼ଭାନ୍ସ ପରୀକ୍ଷାରେ ରାୟଗଡ଼ା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ର ସ୍ୱାଗତ ବାଘେଲ ସଫଳତା ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସ୍ୱାଗତ ବାଘେଲ ୨୭୭୨ ର୍ୟାଙ୍କ ପାଇ ସର୍ବଭାରତୀୟ ଅନୁଷ୍ଠାନରେ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସ୍ୱାଗତ କୋମନା ଗ୍ରାମ ନିବାସୀ ଥାବିରାମ ବାଘେଲ ଓ ସୁନୀତା ବାଘେଲଙ୍କ ପୁତ୍ର। ସେ ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରାବାସରେ ରହି ଅଧ୍ୟୟନ କରୁଥିଲେ। ବିଦ୍ୟାଳୟର ଉନ୍ନତ କୋଚିଂ ଓ ସର୍ବ ଭାରତୀୟ ପରୀକ୍ଷା ପ୍ରସ୍ତୁତି ଏବଂ ଉଭୟ ଅନ୍‌ଲାଇନ ଅଫ୍‌ଲାଇନ ମାଧମରେ ମକ ଟେଷ୍ଟ ତଥା ଶିକ୍ଷକମାନଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ପୂର୍ବରୁ ଅନେକ ଛାତ୍ରଛାତ୍ରୀ ସର୍ବ ଭାରତୀୟ ସ୍ତରରେ ଶିକ୍ଷା ଲାଭ କରିବା ସହିତ ଅନେକ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମହଲରେ ଖୁସିର ଲହରୀ ଖେଳିଯାଇଛି । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା ଓ ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା କୃତି ଛାତ୍ରଙ୍କୁ ଶୁଭକାମନା ଜଣାଇଛନ୍ତି ।

# ଦୁର୍ଘଟଣା ଘଟିଲେ ବିଭାଗୀୟ ଯନ୍ତ୍ରୀଙ୍କ ନାଁରେ ଦିଆଯିବ ଏତଲା

- ଖରାପ ରାସ୍ତା ପାଇଁ ସଡ଼କ ସୁରକ୍ଷା ବୈଠକରେ ବର୍ଷିଲେ ଜିଲାପାଳ
- ୪ ମାସରେ ସଡ଼କ ଦୁର୍ଘଟଣାରେ ଯାଇଛି ୫୯ ଜୀବନ

ରାୟଗଡ଼ା,୧୮।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ ରବିବାର ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜପଥ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ । ଗମନାଗମନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସରକାର ଅନୁଦାନ ଦେଉଥିବା ବେଳେ ନିର୍ମାଣ କାମରେ ଅବହେଳା ଯୋଗୁ ରାସ୍ତାଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡୁଛି। ଫଳରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଖରାପ ରାସ୍ତା ପାଇଁ ଦୁର୍ଘଟଣା ଘଟି କେହି ମୃତ୍ୟୁବରଣ କଲେ ସମ୍ପୃକ୍ତ ବିଭାଗର ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିବାକୁ ବୈଠକରେ ଉପସ୍ଥିତ ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ସ୍ୱାଧାଦେବ ।

ବୈଠକରେ ଜିଲାପାଳ ପୂର୍ତ୍ତ ଓ ରାଜପଥ ବିଭାଗ ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଟେଣ୍ଡର ମାଧମରେ କାମ ପାଇଥିବା ଠିକାଦାରମାନେ ବିଭାଗୀୟ ଯନ୍ତ୍ରୀଙ୍କ ସମ୍ପର୍କୀୟ କି ବୋଲି ଜିଲାପାଳ ପ୍ରଶ୍ନ କରିଥିଲେ । ଠିକାଦାରଙ୍କୁ ଅନୁକମ୍ପା ବଦଳରେ କାମ ଅବଧି ମଧ୍ୟରେ ସାରିବା ପାଇଁ ତାଗିଦ୍ କରିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଠିକାଦାର ନିର୍ମାଣ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ଜରିମାନା ଆଦାୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ନଚେତ ଯନ୍ତ୍ରୀମାନେ ନିଜ ଦରମାରୁ ଜରିମାନା ଭରିବେ କି ବୋଲି ଜିଲାପାଳ ସ୍ୱାଧାଦେବ ସିଂ କହିଛନ୍ତି । ଖରାପ ରାସ୍ତାକୁ ତୁରନ୍ତ ମରାମତି କରିବା ସହିତ ଭୁସ୍ଖଳନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କରିବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଏକ ସପ୍ତାହ ମଧ୍ୟରେ ବର୍ଷା ପୂର୍ବରୁ ସମସ୍ତ ରାସ୍ତାଗୁଡ଼ିକ ମରାମତି କରିବା ପାଇଁ ଜିଲାପାଳ ସିଂ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରକାଶ ଥାଉକି, ଜିଲାରେ ଅନେକ ସ୍ଥାନରେ ଖରାପ ରାସ୍ତା ଯୋଗୁ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଚଳିତ ବର୍ଷ ଜାନୁୟାରୀ ଠାରୁ ଏପ୍ରିଲ ମଧ୍ୟରେ ୧୨୪ଟି ସଡ଼କ ଦୁର୍ଘଟଣାରେ ୫୯ଜଣ ମୃତ୍ୟୁ ଘଟିଛି। ସେହିପରି ଦୁର୍ଘଟଣାରେ ୬୦ ଜଣ ଗୁରୁତର ଏବଂ ୭୬ ଜଣ ଆହତ ହୋଇଛନ୍ତି । ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଗାଡି ଯାଞ୍ଚ କରାଯାଇ ୨୦୨୨ ମସିହାରେ ୨୨୩୫ଟି ଓ ଚଳିତ ବର୍ଷ ୧୨୯୩ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିବ ପ୍ରସାଦ ଚୌଧୁରୀ ବୈଠକରେ ସୂଚନା ଦେଇଥିଲେ । ଦ୍ରୁତ ଗତିରେ ଗାଡି ଚାଳନା ରୋକିବା ପାଇଁ ସ୍ଥାନେ ସ୍ଥାନେ ପୋଲିସ ମୁତୟନ ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଅତିରିକ୍ତ ଏସପି ପାତ୍ର ଏବଂ ଆରଟିଓ ଶିବ ପ୍ରସାଦ ସୂଚନା ଦେଇଥିଲେ । ସେହିଭଳି ବିଭିନ୍ନ ଘାଟି ରାସ୍ତାରେ ସ୍ପିଡ ବ୍ରେକରଗୁଡ଼ିକ ପେଂଟି କରିବା ସହ ଅନାବଶ୍ୟକ ସ୍ଥାନରେ ରହିଥିବା ସ୍ପିଡ ବ୍ରେକରଗୁଡ଼ିକୁ ହଟାଇବାକୁ ଜିଲାପାଳ କହିଥିଲେ । ବୈଠକରେ ସଡ଼କ ସୁରକ୍ଷା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଆଦିବାସୀ କଣ୍ଠଶିଳ୍ପୀ ବିରାଜିନୀ ସମ୍ମାନିତ



ଭୁବନେଶ୍ୱରଠାରେ କଳାକାରମାନେ ବିରାଜିନୀଙ୍କୁ ସମ୍ମାନିତ କରୁଛନ୍ତି ।

ଗୁଣପୁର,୧୮।୬ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲ୍ଲା ଗୁଣପୁର ଅଞ୍ଚଳର ଆଦିବାସୀ କଣ୍ଠଶିଳ୍ପୀ ବିରାଜିନୀ ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ରଜ ଉପଲକ୍ଷେ ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହୀରା ମ୍ୟୁଜିକ ଏବଂ ଏକ ଟିଭି ଚ୍ୟାନେଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିରାଜିନୀ ଶବରଙ୍କୁ ସମ୍ବର୍ଦ୍ଧିତ କରାଯିବା ସମୟରେ ଓଲିଉଡର ବରିଷ୍ଠ ସିନେ ତାରକା ଅଶ୍ରୁମୋଚନ ମହାନ୍ତି, ଯାତ୍ରା ଜଗତର କଳାକାର ଦେବିଦାଶ ପଣ୍ଡା, ରାଜ୍ୟ ସଭା ସଦସ୍ୟ ମୁନା ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ବିରାଜିନୀ ଗୁଣପୁରସ୍ଥିତ ସଙ୍ଗୀତ ଏବଂ କଳା ଅନୁଷ୍ଠାନର ଦ୍ୱିତୀୟ ବର୍ଷ ଛାତ୍ରୀ । ଆଦିବାସୀ ଛାତ୍ରୀ ହୋଇ ଭଲ କଣ୍ଠଶିଳ୍ପୀ ଭାବେ ନିଜ ଦକ୍ଷତା ପ୍ରତିପାଦନ କରି ସେ ଅନେକ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

- ବୈଠକରେ ଅନେକ ଅଧିକାରୀଙ୍କ ଅନୁପସ୍ଥିତକୁ ନେଇ ଅସନ୍ତୋଷ
- କାରଣ ଦର୍ଶାଅ ନୋଟିସ ଜାରି କରିବେ ଅତିରିକ୍ତ ଜିଲାପାଳ
- ସ୍ୱାସ୍ଥ୍ୟ ବିଭାଗ ୭ ଦିନ ଭିତରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ



ଜିଲାସ୍ତରୀୟ ବୈଠକରେ ରାୟଗଡ଼ା ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ରାୟଗଡା,୧୮।୬ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ଟେବୁଲ ଟପ୍ ଏକ୍ସରେ ସାଇଜ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜଳସେଚନ ବିଭାଗର କୌଣସି ଅଧିକାରୀ ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଯେଉଁମାନେ ବୈଠକରେ ଉପସ୍ଥିତ ନ ଥିଲେ ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି। ବର୍ଷାଦିନେ ସମ୍ଭାବ୍ୟ ବନ୍ୟା ଓ ବତ୍ୟାର କିପରି ମୁକାବିଲା କରାଯାଇପାରିବ, ଧନଜୀବନ କିପରି ଉଦ୍ଧାର କରାଯାଇପାରିବ, ଦାୟିତ୍ୱରେ ଥିବା ଅଧିକାରୀ, ସ୍ୱେଚ୍ଛାସେବୀମାନଙ୍କ ଭୂମିକା କଣ ରହିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସମସ୍ତ ସରଞ୍ଜାମ ସହିତ ପ୍ରସ୍ତୁତି ରହିବାକୁ ଅତିରିକ୍ତ ଜିଲାପାଳ ପ୍ରଧାନଙ୍କ ନିର୍ଦ୍ଦେଶ ଦେଇଥିଲେ।

କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗି ରାସ୍ତା ଉପରେ ପଡିଲେ ଗ୍ରାମ୍ୟ ଉନ୍ନୟନ ବିଭଗ ସଫା କରିବାର ନିୟମ ରହିଛି। ହେଲେ ଏହାକୁ ବିଭାଗୀୟ କର୍ମକର୍ତ୍ତା ମାନୁ ନ ଥିବାରୁ ଆଗାମୀ ଦିନରେ ରାସ୍ତାରୁ ଗଛ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସମ୍ଭାବ୍ୟ ବନ୍ୟା, ବାତ୍ୟାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ମାଷ୍ଟରପ୍ଲାନ ନ ଥିବାରୁ ୭ ଦିନ ଭିତରେ ମାଷ୍ଟର ପ୍ଲାନ କରିବାକୁ କୁହାଯାଇଛି । ବିଭିନ୍ନ ବିଭାଗ ତରଫରୁ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ପରେ କଣ ସବୁ ଭୂମିକା ରହିବ ତାହା ଉପସ୍ଥାପନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମୀୟ ନିର୍ମାଣ, ପୂର୍ତ୍ତ ବିଭାଗ, ପ୍ରାଣୀଧନ ସୁରକ୍ଷା ବିଭାଗ ଓ ଯୋଗାଣ ବିଭାଗ ଅଧିକାରୀମାନେ ନିଜ ନିଜ ପ୍ରସ୍ତୁତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ଅଗ୍ନିଶମ ବିଭାଗ ଓ ଓଡ୍ରାଫ ତରଫରୁ ପ୍ରଦର୍ଶନୀ ଓ ମକଡ୍ରିଲ ଆୟୋଜନ କରାଯାଇ ସେମାନଙ୍କ ପ୍ରସ୍ତୁତି ସମ୍ବନ୍ଧରେ ବୁଝାଇଥିଲେ।

ଏହି ଟେବୁଲ ଟପ ଏକ୍ସରସାଇଜ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମନାଥ ପ୍ରଧାନ, ଉପ ଜିଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଭି.ଏଲ. ରାଜୁ, ରାଜ୍ୟ ସରକାରଙ୍କ ପର୍ଯ୍ୟବେକ୍ଷକ ଲକ୍ଷ୍ମୀ ନାରାୟଣ ନାୟକ, ଜିଲା ଜରୁରୀକାଳୀନ ଅଧିକାରୀ, ସୂର୍ଯ୍ୟମଣୀ ଭୋଇ, ଗ୍ରାମୀୟ ନିର୍ମାଣ ନିର୍ବାହୀ ଯନ୍ତ୍ରୀ, ଜିଲାସ୍ତରୀୟ ଅଧିକାରୀ , ଅଗ୍ନିଶମ ବିଭାଗ, ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋର୍ତିମୟ ପାତ୍ର ଆଦି ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଓଡିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ରବିବାର ଜିଲା ସଦର ମହକୁମା ଓ ପ୍ରତ୍ୟେକ ବ୍ଲକରେ ଟେବୁଲ ଟପ ଏକ୍ସରେ ସାଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖ ଅର୍ଥାତ ସୋମବାର ଜିଲାର ୩ଟି ବହୁମୁଖୀ ଆଶ୍ରୟସ୍ଥଳୀ ରାୟଗଡ ବ୍ଲକର ହାଟ ଶେଷଖାଲ, ବିଷମ କଟକ କୁତ୍ରାଗଡ଼ ଏବଂ ଗୁଣପୁରର ବିକ୍ରମପୁରଠାରେ ମକଡ୍ରିଲ ଆୟୋଜନ କରାଯିବ। ଏହି ମକଡ୍ରିଲ ନିମନ୍ତେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଅଞ୍ଚଳରେ ପରିଚାଳକ, ସ୍ଥାନୀୟ ଜନସାଧାରଣ, ସରପଞ୍ଚ, ସ୍ୱେଚ୍ଛାସେବୀ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସାମିଲ କରାଯିବ । ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଇ ଲୋକମାଙ୍କୁ ସଚେତନ କରାଯିବ ବୋଲି ସୂଚନା ରହିଛି। ଏଥିପାଇଁ ଜିଲାର ପ୍ରତ୍ୟେକ ବ୍ଲକର ବିଡିଓମାନଙ୍କ ସହିତ ସମନ୍ୱୟ ବୈଠକ ଡାକି ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା।

# ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା ସଭାକୁ ତାଙ୍କୁ କେହି ଜଣାଇନାହାନ୍ତି କି ଫୋନ କରିନାହାନ୍ତି: ତାରା

ଜୟପୁର ୧୮।୬ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସ କମିଟି ନବନିଯୁକ୍ତ ସଭାପତି ଦୁର୍ଗା ଶଙ୍କର ସାହୁଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ହାଲୋ ଜୟପୁରଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନ ହୋଇ ଜୟନଗର ଲେକପ୍ଲାସିଡଠାରେ ପହଞ୍ଚିଥିଲା । ସେଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା, ବୀରେନ ମୋହନ ପଟ୍ଟନାୟକ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ନିମାଇଁ ସରକାର, କୃଷ୍ଣ କୁଳଦୀପ, ରୂପକ ତୁରୁକ, ମନୋଜ ଆଚାର୍ଯ୍ୟ, ଅଜିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜିଲା ପରିଷଦ ସଭ୍ୟ, କାଉନସିଲର, ବ୍ଲକ ସଭାପତି, ପୌରାଧ୍ୟକ୍ଷ କେହି ଉପସ୍ଥିତ ନ ଥିଲେ। ଏନେଇ ଏମ୍‌ପି ଉଲ୍ଲାକା ଓ ଜିଲା ସଭାପତି ସାହୁଙ୍କୁ ପଚାରିବାରୁ ଉଭୟେ କହିଛନ୍ତି, କଂଗ୍ରେସରେ କନ୍ଦଳ କି ମନାନ୍ତର ନାହିଁ। ବିଧାୟକ ବାହିନୀପତି ବାହାରେ ଥିବାରୁ ଏଠାରେ ଅନୁପସ୍ଥିତ ଅଛନ୍ତି। ଏନେଇ ବିଧାୟକ ବାହିନୀପତିଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ବର୍ଦ୍ଧନା ସଭା ହେଉଥିବା ସେ ଜାଣିନାହାନ୍ତି। ସଭାପତି ହେବା ପରେ ସାହୁ ତାଙ୍କୁ ଥରେ ମଧ ଫୋନ କରିନାହାନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

**ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ**

ରାୟଗଡ଼ା,୧୮।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ କସ୍ତୁରୀ ନଗରଠାରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଘରେ ଥିବା ଏକ ସିଲିଂ ଫ୍ୟାନରେ ଓଢ଼ଣୀରେ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣକ ହେଲେ ସୁଭଦ୍ରା ମେଲକା (୨୦) । ଅନ୍ୟପକ୍ଷେ ଝିଅକୁ ତା ସ୍ୱାମୀ ହତ୍ୟା କରିଥିବା ନେଇ ମୃତ ମହିଳାଙ୍କ ବାପା ଲାଛମା ମେଲକା ଥାନାରେ ଏତଲା ଦେଇଛନ୍ତି । ସୁଭଦ୍ର ଆତ୍ମହତ୍ୟା କରିଥିବା ସ୍ୱାମୀ ନରେନ୍ଦ୍ର କଣ୍ଡାଗର(୨୫) ପୋଲିସକୁ ଜଣାଇଛନ୍ତି। ତେବେ ପୋଲିସ ଏହି ଘଟଣାରେ ସ୍ୱାମୀ ନରେନ୍ଦ୍ରଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ, ଗତ ୨ ବର୍ଷ ତଳେ ଶେଷଖାଲ ଥାନା ଅନ୍ତର୍ଗତ ଦିଶାରିଗୁଡ଼ା ଗ୍ରାମର ଲାଛମା ମେଲକାଙ୍କ ଝିଅ ସୁଭଦ୍ରାଙ୍କ ବିବାହ ଶେଷଖାଲା ଥାନା ଅଧୀନସ୍ଥ ଇରୁକୁବାଡ଼ି ଗ୍ରାମର ନିରଞ୍ଜନ କଣ୍ଡାଗରିଙ୍କ ପୁଅ ନରେନ୍ଦ୍ରଙ୍କ ସହ ହୋଇଥିଲା । ବିବାହ ପରେ ନରେନ୍ଦ୍ର ତାଙ୍କ ଦାଦା ରହୁଥିବା ରାୟଗଡ଼ା ସହରର କସ୍ତୁରୀ ନଗରସ୍ଥିତ ପାଣିଟାଙ୍କିଠାରେ ଏକ ସରକାରୀ କ୍ୱାର୍ଟରରେ ସ୍ତ୍ରୀ ସୁଭଦ୍ରାଙ୍କୁ ଧରି ରହୁଥିଲେ । ସୁଭଦ୍ରାଙ୍କ ବାପା ଲାଛମାଙ୍କ କହିବାନୁସାରେ, ନରେନ୍ଦ୍ର ସବୁବେଳେ ମଦ୍ୟପାନ କରି ସ୍ତ୍ରୀକୁ ଶାରିରୀକ ନିର୍ଯାତନା ଦେଉଥିଲେ । ଏକ ମାସ ତଳେ ପରିବାର ଲୋକଙ୍କ ଆପୋଷ ବୁଝାମଣା ପରେ ନରେନ୍ଦ୍ର କିଛିଦିନ ମାରପିଟ ବନ୍ଦ କରିଥିଲେ। ଗତ ଶନିବାର ରାତି ପ୍ରାୟ ୮ଟାରେ ଲାଛମାଙ୍କୁ କେହି ଫୋନ୍ କରି ତାଙ୍କ ଝିଅର ମୃତ୍ୟୁ ହୋଇଥିବା ଖବର ଦେଇଥିଲେ। ପରିବାର ଲୋକେ ରାତିରେ କସ୍ତୁରୀ ନଗରରେ ପହଞ୍ଚି ଝିଅର ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ସକାଳେ ଏ ନେଇ ଲାଛମା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏଏସପି ବିଷ୍ଣୁ ପ୍ରସାଦ ପାତ୍ର, ଟାଉନ ଥାନା ଆଇଆଇସି କେକେବିକେ କହଁର ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରି ଅନୁଧ୍ୟାନ କରିବା ବେଳେ ସୁଭଦ୍ରାଙ୍କ ମୁହଁରୁ ରକ୍ତ ବୋହିଥିବା ଏବଂ ବେକ ଫୁଲିଥିବା ଦେଖିବାକୁ ପାଇଥିଲେ । ଏହାପରେ ମୃତଶରୀର ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରୁ ସମସ୍ତ ପ୍ରକାର ତଥ୍ୟ ଓ ପ୍ରମାଣ ସଂଗ୍ରହ କରିବା ସହିତ ଉଭୟ ପକ୍ଷର ଲୋକଙ୍କ ବୟାନ ରେକର୍ଡ଼ କରିଥିବା ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ହତ୍ୟା କି ଆତ୍ମହତ୍ୟା ଜଣାପଡ଼ିବ ବୋଲି ଆଇଆଇସି କହଁର ସୂଚନା ଦେଇଛନ୍ତି ।

# ପଞ୍ଚାୟତ ପ୍ରତିନିଧିଙ୍କ ଯୋଡ଼ାମ୍ବ ମେଡିକାଲ ପରିଦର୍ଶନ

ଚିତ୍ରକୋଣ୍ଡା,୧୮।୬(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତକୁ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଏବଂ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲଙ୍କ ସମେତ ସ୍ୱାଭିମାନ ଅଞ୍ଚଳର ଏକ ସ୍ୱତନ୍ତ୍ର ପଞ୍ଚାୟତ ପ୍ରତିନିଧି ଦଳ ଯଥା ସରପଞ୍ଚ ନିଲୁ ଖିଲ, ସମିତି ସଭ୍ୟ ଚକ୍ର ଖିଲ, ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ ପ୍ରମୁଖ ଯୋଡ଼ାମ୍ବ ମେଡିକାଲ ପରିଦର୍ଶନ କରିଥିଲେ। ସ୍ୱାଭିମାନ ଅଞ୍ଚଳର ୫ ପଞ୍ଚାୟତ ଯଥା ଯୋଡ଼ାମ୍ବ, ଗାଜୁଲୁମାମୁଡି, ପଣଷପୁଟ, ଅଣ୍ଡିରାପାଲି ଓ ଯନ୍ତ୍ରୀ ପଞ୍ଚାୟତର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏଥି ସହିତ ମେଡିକାଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପାଣି, ବିଦ୍ୟୁତ୍ ଓ ଡାକ୍ତର ଅଭାବ ଭଳି ବହୁ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଯୋଡ଼ାମ୍ବ ମେଡିକାଲରେ କିଭଳି ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ହେବ ଜିଲାପାଳ ଓ ସିଡିଏମ୍‌ଓଙ୍କ ସହ ଆଲୋଚନା କରିବାକୁ ଜିଲା ପରିଷଦ ଅଧ୍ୟକ୍ଷା ଟାଙ୍ଗୁଲ କହିଥିଲେ।



ଯୋଡ଼ାମ୍ବ ମେଡିକାଲରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

# ୨୪ କେଜି ଗଞ୍ଜେଇ ଜବତ, ୩ ଗିରଫ

ନବରଙ୍ଗପୁର ,୧୮।୬ (ସଦାଶିବ ପ୍ରହରାଜ)

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ବିହାର ଅଞ୍ଚଳର ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୨୪କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ଅଞ୍ଚଳର ଅଖିଳେଶ କୁମାର, ରୋହିତ କୁମାର ଓ ଧର୍ମେନ୍ଦ୍ର କୁମାର ସାଲାନି। ସେମାନେ ରବିବାର ସନ୍ଧ୍ୟାରେ ରାୟପୁରକୁ ବସ୍ ଯୋଗେ ଯିବାକୁ ଭିନ୍ନ ଭିନ୍ନ ୩ଟି ସ୍ଥାନରେ ଅପେକ୍ଷା କରିଥଲେ। ସେମାନେ ଗଞ୍ଜେଇ ନେଇ ଯାଉଥିବା ଅବକାରୀ ବିଭାଗ କେଣସି ସୂତ୍ରରୁ ଖବର ପାଇ ନବରଙ୍ଗପୁର ବସଷ୍ଟାଣ୍ଡ, ମାଝୀଗୁଡା ଓ ଚାଉଁରୀଆଗୁଡାଠାରେ ଚଢ଼ାଉ କରିଥିଲା । ଅବକାରୀ ଅଧୀକ୍ଷକ ଗଙ୍ଗା ପାଇକରାୟଙ୍କ ନିର୍ଦ୍ଦେଶ ରେ ହୋଇଥିବା ଏହି ଚାଉରେ ନବରଙ୍ଗପୁର ଇନିସ୍ପେକ୍ଟର ସୁଧୀର କୁମାର ସାହୁ, ନବରଙ୍ଗପୁର ଥାନା ଅଧିକାରୀ ସୁଜିତ ନାଗ, ଏସଆଇ ସୁଶୀଳ କୁମାର ଭୁଏ, ଏଏସଆଇ ସୁବ୍ରତ ହିରାନ, ବାଳକୃଷ୍ଣ ନାୟକ, ତ୍ରିନାଥ ସେରା ପ୍ରମୁଖ ସାମିଲ ଥିଲେ।

# ଶ୍ରୀକାକୁଲମରୁ ଅନୁଗୋଳ ଭୂତଳ ଦେଇ ଯିବ ଗ୍ୟାସ୍ ପାଇପ୍ ଲାଇନ

**କ୍ଷତିପୂରଣ, ବିକଳ୍ପ ଜମି ଦେବାକୁ ଦାବି**

ଗୁଣପୁର,୧୮।୬ ( ପ୍ରଦୀପ କୁମାର ପାଢ଼ୀ)

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରୁ ଓଡିଶାର ଅନୁଗୋଳକୁ ଭୂତଳ ଗ୍ୟାସ ପାଇପ ଲାଇନ ରାୟଗଡା ଜିଲା ଗୁଣପୁର ଦେଇ ଯିବ ବୋଲି ଗେଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ତେବେ ଏହାକୁ ନେଇ ଗୁଣପୁରରେ ପ୍ରତିବାଦର ସ୍ୱର ଉଠିଛି। କ୍ଷତିଗ୍ରସ୍ତ ହେବାକୁ ଥିବା ଜମି ମାଲିକମାନେ ଶନିବାର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଭେଟି ଏହାର ପ୍ରତିବାଦ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗୁଣପୁର ତହସିଲ ଅଧୀନ ରେଗେଡା ମୌଜା ଦେଇ ଗେଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଭୂତଳ ଗ୍ୟାସ ପାଇପ ଲାଇନ ଯିବ । ଏହାଦ୍ୱାରା ସେହି ଅଞ୍ଚଳର ଜମି ମାଲିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ଅଭିଯୋଗ କରିଛନ୍ତି। ଏହି ପାଇପ ଲାଇନ ଭୂତଳ ଦେଇ ଗଲେ ୪/୪୦ ପ୍ରତିଶତ ବର୍ଗମିଟର ଅଞ୍ଚଳ ଭିତରେ ପୋଖରୀ, କୂପ, ନଳକୂପ ଏବଂ ବ୍ରିଜ ଆଦିର କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ । ସେମାନଙ୍କୁ କମ୍ପାନୀ ପକ୍ଷରୁ ନୋଟିସ ହେବା ପରେ ପ୍ରତିବାଦ ଜଣାଇଥିଲେ ମଧ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଇନାହିଁ। କ୍ଷତିଗ୍ରସ୍ତ ହେବାକୁ ଥିବା ଜମି ମାଲିକମାନେ ଅଭିଯୋଗ କରିଛନ୍ତି ଯେ, ଏହି ପାଇପ ଲାଇନ ସେମାନଙ୍କ ମୂଲ୍ୟବାନ ଜମି ଦେଇ ଗଲେ ସେମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିବ । ତେଣୁ ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବା ସହ କ୍ଷତି ହେଉଥିବା ଜମି ବାବଦରେ ବିକଳ୍ପ ଜମି ପ୍ରଦାନ ଏବଂ କ୍ଷତିପୂରଣ ପ୍ରଦାନ କରାଯିବାକୁ ଜମି ମାଲିକମାନେ ଉପଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

# ଅଧିକାରୀମାନେ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ**



ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର,୧୮।୬ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ରବିବାର ମିଶନ ଶକ୍ତି ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସାମୂହିକ ଅଭ୍ୟାସ ବା ଟେବୁଲ ଟପ ଏକସରସାଇଜ ବୈଠକରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ସମୟରେ କିପରି ଲୋକଙ୍କ ଧନଜୀବନକୁ ସୁରକ୍ଷିତ ଭାବରେ ବିପଦରୁ ରକ୍ଷା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ସଫଳ ମୁକାବିଲା ନିମନ୍ତେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ନିଜ ନିଜ କ୍ଷେତ୍ରରେ ସତର୍କତା ଅବଲମ୍ବନ କରି କାର୍ଯ୍ୟ କରିବା ପାଇଁ ଜିଲାପାଳ ଡ. ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର କର୍ମକର୍ତ୍ତା, ଓଡ୍ରାଫ୍ ଟିମର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସାମୂହିକ ଅଭ୍ୟାସ ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଡିପିଓ ହିମାଂଶୁ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା, ଡେପୁଟି କଲେକ୍ଟର ନିର୍ମଳ ନାୟକ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଏସିଏଫ, ଧନୁର୍ଜୟ ମହାପାତ୍ର ,ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶ୍ରମ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ରବିବାର ଏହି ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ଏସମ୍ପର୍କିତ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ମନ୍ତ୍ରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ପ୍ରଶ୍ନ କଲା କଂଗ୍ରେସ

**କଂଗ୍ରେସର ଖବରଦାତା ସମ୍ମିଳନୀ**

ନବରଙ୍ଗପୁର,୧୮।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଜେଡିକୁ ଟାର୍ଗେଟ କରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଓ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଖବରଦାତାଙ୍କ ମାଧ୍ୟମରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ବିଭିନ୍ନ ପ୍ରଶ୍ନ କରିଛନ୍ତି। ୨୦୦୪ରେ ଜନ୍ମ ହୋଇଥିବା ଆଦିବାସୀ ଉନ୍ନୟନ ପରିଷଦ ୨୦୦୭ରେ ବନ୍ଦ ହେଲା କାହିଁକି। ୨୦୨୪ ନିର୍ବାଚନ ପୂର୍ବରୁ ୧୦ମାସ ମଧ୍ୟରେ ଆଦିବାସୀଙ୍କ ବିକାଶର ଡିଣ୍ଡିମ ପିଟି ମିଥ୍ୟା ପ୍ରତିଶୃତି ଦେଇ ଭୋଟ ହାତେଇବା ଚେଷ୍ଟା କରୁଛନ୍ତି। ଏସ୍‌ଏଚ୍‌ଜି ଗଠନ କରି ନିର୍ବାଚନ ବେଳେ ଗ୍ରୁପଗୁଡିକୁ ଅର୍ଥ ଦେଇ ମହିଳା ଭୋଟରଙ୍କୁ ହାତେଉଛି ବିଜେଡି ବୋଲି ଅଭିଯୋଗ କରାଯାଇଛି। ଅସହ୍ୟ ଗୁଳୁଗୁଳି ବେଳେ ନବରଙ୍ଗପୁର ଜିଲା ଓ ଗ୍ରାମାଞ୍ଚଳରେ ୨୪,୭୦୦ ନଳକୂପ ଅଚଳ ହୋଇପଡିଛି। ପିଇବା ପାଣି ଅଭାବରେ ଆଦିବାସୀ ଗାଁ ଲୋକେ ଢ଼ହଳ ବିକଳ ହେଉଛନ୍ତି। ୫–ଟି ସ୍କୁଲରେ ଶିକ୍ଷକ ନାହାନ୍ତି। କୋଭିଡ ସମୟରେ ନବରଙ୍ଗପୁରକୁ ୧୧ ହଜାର ଦାଦନ ଶ୍ରମିକ ଫେରିଥିଲେ। ସେମାନଙ୍କ ମଧ୍ୟରୁ ୯ ହଜାର ଶ୍ରମିକ ପୁଣି ଦାଦନ ମୁହାଁ। ୧ ମାସ ମଧ୍ୟରେ ଜିଲାରେ ୧୨ ଆଦିବାସୀ ନାବାଳିକା ଅପହରଣ ହୋଇଛନ୍ତି। ବିଜେଡି ଶାସନରେ ମାଇକଞ୍ଚ ଓ ରାଇଘର ଗୁଳିକାଣ୍ଡରେ କେତେ ଜଣ ଆଦିବାସୀଙ୍କୁ ହତ୍ୟା କରାଯାଇଛି। କୁନ୍ଦୁଲି ଗଣ ବଳାତ୍କାର, କୋଷାଗୁମୁଡ଼ା ଗଣ ବଳାତ୍କାର ଓ ହତ୍ୟା, ପୋଡ଼ାଗଡ଼ ନାବାଳିକା ଗଣ ବଳାତ୍କାର ଏହି ଆଦିବାସୀ ନାବାଳିକାମାନଙ୍କୁ କେଉଁ ନ୍ୟାୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ତାହାର ଉତ୍ତର ରଖନ୍ତୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା କହିଥିଲେ। ରାଜ୍ୟ ଆଦିବାସୀ ସେଲ ସଭାପତି ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି କହିଥିଲେ, ସାଂସ୍କୃତିକ ଭବନ କଲେ ଆଦିବାସୀଙ୍କ ବିକାଶ ହେବନାହିଁ। ଜିଲାର ବିଧାୟକମାନେ ଆଦିବାସୀଙ୍କ ବିକାଶ ପାଇଁ ବିଧାନସଭାରେ କେତେଥର ପ୍ରଶ୍ନ ଉଠାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଖାଲିପଡିଥିବା ଶିକ୍ଷକ ଓ କର୍ମଚାରୀ, ଡାକ୍ତର ପଦବୀ ପୂରଣ କରି ପାରୁନାହିଁ ବିଜେଡି। କାର୍ଯ୍ୟକ୍ରମରେ ସନରାଜ ଗଣ୍ଡ, ଦିବାକର ପୂଜାରୀ, ଦିଲୀପ ପ୍ରଧାନୀ, ବୃନ୍ଦାବନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

